# ଗଞ୍ଜେଇ ଗଛ ନଷ୍ଟବେଳେ ଉତ୍ତେଜନା

**ଧରାକୋଟ,୨୨।୧୧(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଅଧିନସ୍ଥ ବାହାରପୁର ପଞ୍ଚାୟତର ଖଜୁରିପଦା ଗ୍ରାମ ନିକଟସ୍ଥ ପାହାଡ଼ ପାଦଦେଶରେ ବ୍ୟାପକ ଗଞ୍ଜେଇ ଚାଷ କରାଯାଇଛି। ଶୁକ୍ରବାର ସକାଳୁ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ଥାନାରୁ ଆସିଥିବା ଥାନାଧିକାରୀ, ଅବକାରୀ ବିଭାଗ, ବନ ବିଭାଗ, ବିଦ୍ୟୁତ ବିଭାଗର ମିଳିତ ଚଢ଼ାଉରେ ପ୍ରାୟ ୨ ଏକର ଜମିରୁ ୮୬୧୬ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮୬ ଲକ୍ଷ ୧୮ ହଜାର ଟଙ୍କା ହେବ ବୋଲି ଏସ୍‌ଡିପିଓ ପ୍ରଧାନ କହିଛନ୍ତି। ଧରାକୋଟ ଭାରପ୍ରାପ୍ତ ତହସିଲଦାର ସୁରେଶ ଚନ୍ଦ୍ର ଜାନି ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ଗଛ ନଷ୍ଟ କରାଯାଇଥିଲା। ମାତ୍ର ଅଞ୍ଚଳର ବିଭିନ୍ନ ଆଦିବାସୀ ଗ୍ରାମର ମହିଳା ଓ ପୁରୁଷ ମେଳିବାନ୍ଧି ଗଞ୍ଜେଇ ଗଛ କଟାକୁ ବନ୍ଦ କରିଥିଲେ। ପ୍ରଶାସନିକ


ଗଞ୍ଜେଇ ଫସଲ ନଷ୍ଟ ବେଳେ ବାଧା ଦେଉଛନ୍ତି ଆଦିବାସୀ।

- ପୋଲିସ, ଅବକାରୀ କର୍ମଚାରୀଙ୍କୁ ବିରୋଧ
- ପରବର୍ତ୍ତୀ ସମୟରେ ନଷ୍ଟ କରାଯିବ: ଏସ୍‌ଡିପିଓ

ଅଧିକାରୀମାନେ ଆଦିବାସୀଙ୍କ ସହ ଆଲୋଚନା ପାଇଁ ବାଧ ହୋଇଥିଲେ। ସେମାନଙ୍କର ପ୍ରମୁଖ ଦାବି ରହିଥିଲା, ଆଦିବାସୀମାନଙ୍କୁ ଚିହ୍ନଟ କରି ରାଶନ କାର୍ଡ, ବିଜୁ ପକ୍କାଘର, ସ୍ଥାୟୀ ଜମିପଟ୍ଟା, ଅଧିକୃତ ଜଙ୍ଗଲ ଜମି ପଟ୍ଟା, ଆଦିବାସୀ ଅଞ୍ଚଳରେ ସ୍କୁଲ ଗୃହ ନିର୍ମାଣ, ଉପାନ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ, ଚୋରାମଦ କାରବାର ବନ୍ଦ କରିବାକୁ। ଦାବି ସମ୍ପର୍କରେ ମାଜିଷ୍ଟ୍ରେଟ ଜିଲାପାଳଙ୍କ ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗଞ୍ଜେଇ ଚାଷ ଆମ୍ଭମାନଙ୍କର ବଞ୍ଚିବାର ଏକମାତ୍ର ପନ୍ଥା। ଦାବି ପୂରଣ ନହେବା ଯାଏ ଆମେ ଏହାକୁ ନଷ୍ଟ କରିବାକୁ ଦେବୁନାହିଁ ବୋଲି ଅଡ଼ି ବସିଥିଲେ। ସରକାର ଆମ ଜୀବିକା କଥା ଚିନ୍ତା କରିବା ନିହାତି ଆବଶ୍ୟକ ବୋଲି ସେମାନେ କହିଥିଲେ। ଏହାପରେ ପ୍ରାୟ ୪୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛରୁ ମାତ୍ର ୨ ଏକର ନଷ୍ଟ କରି ପ୍ରଶାସନ ଫେରି ଆସିଥିଲା। ପରବର୍ତ୍ତୀ ସମୟରେ ବଳକା ଗଞ୍ଜେଇ ଗଛ ନଷ୍ଟ କରାଯିବ ବୋଲି ଆସିକା ଏସ୍‌ଡିପିଓ ପ୍ରଧାନ କହିଥିଲେ। ଏଥିରେ ଯିଏ ବ୍ୟାଘାତ ସୃଷ୍ଟି କରିବ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅଭିଯାନରେ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ, ଅବକାରୀ ବିଭାଗ କର୍ମଚାରୀ, ଅବକାରୀ ଉପଖଣ୍ଡ ଅଧିକାରୀ ଅଭିରାମ ବେହେରା, ଡିଏସ୍‌ପି ସଞ୍ଜୟ ମହାପାତ୍ର, ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ, ସୋରଡ଼ା ଥାନାଧିକାରୀ ରମେଶ ପ୍ରଧାନ, ବଡ଼ଗଡ଼ ଥାନାଧିକାରୀ ପ୍ରତାପ ତ୍ରିପାଠୀ, ରେଞ୍ଜର ନରସିଂହ ବେହେରା, ରେଞ୍ଜର ପ୍ରସନ୍ନ ସାହୁ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଅପରପକ୍ଷେ ପ୍ରାୟ ୧୫ ଖଣ୍ଡ ଆଦିବାସୀ ଗ୍ରାମର ମହିଳା ଓ ପୁରୁଷ ସାବା ନିକଟରେ ଏକତ୍ରିତ ହୋଇ ଜୀବନଜିବିକା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବୁ। ପ୍ରଶାସନ ଦାବି ପୂରଣ ନ କଲେ ମରିବୁ ପଛେ ଏହି ଚାଷରୁ ନିବୃତ ହେବୁ ନାହିଁ ବୋଲି କହିଥିଲେ। ଯାହାକି ପ୍ରଶାସନ ପାଇଁ ଏବେ ଖୋଲା ଚାଲେଞ୍ଜ ସୃଷ୍ଟି କରିଛି।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷରେ ୬ ଆହତ

**ଶେରଗଡ଼,୨୨।୧୧(ଡି.ଏନ୍.ଏ.):** ଶେରଗଡ଼ ବ୍ଲକ ବି.ବ୍ରହ୍ମପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାରୁ ୨ ଗୋଷ୍ଠୀ ମଧରେ ସଂଘର୍ଷ ଘଟିଛି। ଏଥିରେ ୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଗୋଟିଏ ଗୋଷ୍ଠୀର ଯୋଗେନ୍ଦ୍ର ପ୍ରଧାନ, ଜିତୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ଅନ୍ୟଗୋଷ୍ଠୀର ଯୋଗେନ୍ଦ୍ର ପୌଡ, ନାରସୁ ଗୋଡ଼, କୁମାର ଗୌଡ଼। ପୂର୍ବ ଶତ୍ରୁତାରୁ ଏହି ସଂଘର୍ଷ ଘଟିଥିବା ଜଣାପଡିଛି। ଶେରଗଡ଼ ଥାନାରେ ଉଭୟଙ୍କ ପକ୍ଷରୁ ଏତଲା ଦିଆଯାଇଛି। ନଂ.୧୧୦ ଓ ୧୧୧/୧୯ରେ ଦୁଇଟି ମାମଲା ରୁଜୁ କରି ଦୁଇ ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି।

### ମଦ ଜବତ, ୨ ଗିରଫ

**ଦାରିଙ୍ଗବାଡ଼ି,୨୨।୧୧(ଡି.ଏନ.ଏ):** ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଶୁକ୍ରବାର ଅବକାରୀ ଧରପଗଡ କରାଯାଇଥିଲା। ଚୋରା ମଦ କାରବାର କରୁଥିବା ୨ଜଣଙ୍କ ଠାରୁ ୫୮ଲିଟର ଦେଶୀମଦ ଜବତ କରିବା ସହ ବହୁପରିମାଣର ମହୁଲି ପୋଚକୁ ନଷ୍ଟ କରାଯାଇଛି ସେହିପରି ମଦ ରନ୍ଧା ପାଇଁ ବ୍ୟବହୃତ ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ଚୋରାକାରବାରରେ ସଂପୃକ୍ତି ଅଭିଯୋଗରେ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କାଜୁରିପାଙ୍ଗା ଗ୍ରାମର ରିଣ୍ଟୁ ଦିଗାଳ ଏବଂ ଗ୍ରୀନବାଡ଼ିର ମନୋଜ ଉଠାଣ ସିଂ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ସେମାନଙ୍କ ନାମରେ ମାମଲା(୧୨୪,୧୨୫/୧୯) ରୁଜୁ କରାଯାଇ କୋର୍ଟ ଚାଲଣ କରାଯାଇଛି।

### ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

**ଶେରଗଡ଼,୨୨।୧୧(ଡି.ଏନ୍.ଏ.):** ଶେରଗଡ଼ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗୀତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଏହାର ଶୁଭାରମ୍ଭ କରିଥିଲେ। ବିଡ଼ିଓ ସୁରଞ୍ଜନ କୁମାର ସାହୁ ଓ ବିଇଓ ଭାସ୍କର ଲେଙ୍କାଙ୍କ ସଂଯୋଜନାରେ ବିଭିନ୍ନ ବିଦ୍ୟାଳୟରୁ ୫୨ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏବିଇଓ ଲକ୍ଷ୍ମୀନାରାୟଣ କର ଗୋଷ୍ଠୀ ସମ୍ବଳ ଶିକ୍ଷକ ମାଗତା ପଣ୍ଡାଙ୍କ ସମେତ ବ୍ଲକର ସମସ୍ତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ।

### ମା'ଗଜଲକ୍ଷ୍ମୀଙ୍କ ମଣ୍ଡପ ଲାଗି ଭୂମିପୂଜା

**ପୁରୁଷୋତ୍ତମପୁର,୨୨।୧୧(ଡି.ଏନ.ଏ.):** ପୁରୁଷୋତ୍ତମପୁର ରଥସାହିରେ ମା' ଗଜଲକ୍ଷ୍ମୀଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ ଲାଗି ଶୁକ୍ରବାର ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀର୍ଘ ୪୭ ବର୍ଷ ଧରି ମା' ଗଜଲକ୍ଷ୍ମୀ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିଲେ। ଏବେ ସାହିବାସୀ ଏକତ୍ରିତ ହୋଇ ଏକ ସ୍ଥାୟୀ ମଣ୍ଡପ ନିର୍ମାଣ ଲାଗି ଅଣ୍ଟା ବାନ୍ଧିଛନ୍ତି। ଭୂମିପୂଜାରେ କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ପଣ୍ଡା ଥିବା ବେଳେ ପୁରୋହିତ ପଣ୍ଡିତ ଶିବରାମ ତ୍ରିପାଠୀ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। କୈଳାଶ ଚନ୍ଦ୍ର ସାମଲ, ମୁନା ପାତ୍ର, ସରୋଜ ପାଢ଼ୀ, ଶିଶିର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଛାତ୍ର ବିଜେଡି ସମ୍ପାଦକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

**ଦିଗପହଣ୍ଡି,୨୨।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ପେଣ୍ଟୁରା ବାଡ଼ିଗାଁ ବାସିନ୍ଦା ଗଞ୍ଜାମ ଜିଲା ଛାତ୍ର ବିଜେଡି ସମ୍ପାଦକ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ଗତ ବୁଧବାର ଅପରାହ୍ନରେ ଗାଁ ଛକରେ ଶ୍ରୀକାନ୍ତ ଠିଆ ହୋଇଥିବା ବେଳେ ୬ରୁ ଉର୍ଦ୍ଧ ଯୁବକ ସେଠାରେ ପହଞ୍ଚି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆସି ଆକ୍ରମଣକାରୀଙ୍କ କବଳରୁ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀଙ୍କ ମଧ୍ୟରୁ ୩ଜଣଙ୍କୁ ଚିହ୍ନଟ କରିଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ସାଇଣ୍ଟିଫିକ୍ ଟିମର ତଦନ୍ତ, ସିସିଟିଭି ଫୁଟେଜ ଯାଞ୍ଚ

**ଖଲ୍ଲିକୋଟ,୨୨।୧୧(ଡି.ଏନ.ଏ.)**

**ଶଙ୍କର ହତ୍ୟା ଘଟଣା**

ଖଲ୍ଲିକୋଟ ବ୍ଲକ କେଶପୁର ବଜାର ନିକଟ ନାରାୟଣୀ ପେଟ୍ରୋଲ ପମ୍ପଠାରେ ଗୁରୁବାର ରାତିରେ ରାମଚନ୍ଦ୍ରପୁରର ଶଙ୍କର ପାହାନ (୨୫)ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଥିଲା। ମୃତ ଶଙ୍କରଙ୍କ ମା' ସରସ୍ୱତୀଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନାରେ ନଂ. ୩୪୨/୧୯ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଶୁକ୍ରବାର ଛତ୍ରପୁରରୁ ଆସିଥିବା ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳ ଅନୁସନ୍ଧାନ କରି ପେଟ୍ରୋଲ ପମ୍ପରେ ଲାଗିଥିବା ସିସି ଟିଭି ଫୁଟେଜକୁ ଯାଞ୍ଚ କରିଛି। ଖଲ୍ଲିକୋଟ ଏସ୍‌ଆଇ ସିଲୁ ଧଳ ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ।

ସରସ୍ୱତୀଙ୍କ ସୂଚନା ଅନୁସାରେ, ଏହି ହତ୍ୟାକାଣ୍ଡରେ ରାମଚନ୍ଦ୍ରପୁର ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଶଙ୍କରଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ଏତଲା କ୍ରମେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୋଲିସ କହିଛି। ଗତ ବୁଧବାର ଖଲ୍ଲିକୋଟ ଟାଉନରେ ଜଣେ କଲେଜ ଛାତ୍ରଙ୍କୁ ମାଡ଼ ମାରିବାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଏଥିପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ବାପଟିଷ୍ଟ ଚର୍ଚ୍ଚର ଶତବାର୍ଷିକୀ ମହୋତ୍ସବ ଉଦ୍‌ଘାଟିତ

**ଜି.ଉଦୟଗିରି,୨୨।୧୧(ଡି.ଏନ.ଏ.)**

ଜି.ଉଦୟଗିରି ନୂଆସାହିସ୍ଥିତ ବାପଟିଷ୍ଟ ଚର୍ଚ୍ଚର ଶତବାର୍ଷିକୀ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଚର୍ଚ୍ଚର ପୂର୍ବତନ ପାଳକ କୁରଙ୍ଗ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତିନିଦିନିଆ ଶତବାର୍ଷିକୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହେବ। ଚର୍ଚ୍ଚର ସଭାପତି ପ୍ରତାପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚର୍ଚ୍ଚର ସମ୍ପାଦକ ପ୍ରମୋଦ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିତୁ ଲିମା ପ୍ରଚାରକ ଭାବେ ଯିଶୁଙ୍କ ସୁସମାଚାର ପାଠ କରିଥିଲେ। ବିଶପ ବିଜୟ ନାୟକ, ବିଶପ ବାଞ୍ଛାନିଧି ନାୟକ, ଆଚାର୍ଯ୍ୟ ସୁଧାଂଶୁ ନାୟକ, ଚର୍ଚ୍ଚର କୋଷାଧକ୍ଷା ବାସନ୍ତୀ ମଞ୍ଜରୀ ରଥ, ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ପ୍ରଧାନ, ଜିଲା ସମ୍ପାଦକ ମୋଜେସ ଦିଗାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଝିଅମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଏଥିରେ ଜିଲା ଓ ଜିଲା ବାହାରୁ ଶତାଧିକ ଖ୍ରୀଷ୍ଟପ୍ରେମୀ ଉପସ୍ଥିତ ଥିଲେ।

## ବସ୍ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍

**ଦାରିଙ୍ଗବାଡ଼ି,୨୨।୧୧(ଡି.ଏନ.ଏ)**


ମନୁ ଦିଗାଳଙ୍କୁ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

- ୨୦ ହଜାର ଟଙ୍କାଥିବା ବ୍ୟାଗ ଲୁଟିନେଲେ
- ଗୁରୁତର ଯାତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି, ତଦନ୍ତ ଆରମ୍ଭ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳକୁ କେରଳରୁ ଫେରୁଥିବା ଜଣେ ଶ୍ରମିକଙ୍କୁ ନିଶାଦେଇ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଲୁଟର ଶୀକାର ହୋଇଥିବା ଶ୍ରମିକ ଦାରିଙ୍ଗବାଡ଼ି ଥାନା ସିର୍କାବର୍ଗ ପଞ୍ଚାୟତର ଆତିନବାଡ଼ି ଗ୍ରାମର ମନୁ ଦିଗାଳ। ତାଙ୍କଠାରୁ ୨୦ ହଜାର ଟଙ୍କାଥିବା ଏକ ବ୍ୟାଗ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏନେଇ ଗୁରୁତର ମନୁଙ୍କ ବଡ଼ଭାଇ ପିଟର ଦାରିଙ୍ଗବାଡ଼ି ଥାନାକୁ ଜଣାଇଥିଲେ। ଆଇଆଇସି କୌଶିକ ମାଝୀ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

ପ୍ରକାଶ ଯେ, ମନୁ କେରଳରୁ ଟ୍ରେନରେ ଆସି ଶୁକ୍ରବାର ଭୋର ୩ଟାରେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିଥିଲେ। ୫ଟାରେ ସେଠାରୁ ଏକ ଘରୋଇ ବସ୍‌ରେ ଦାରିଙ୍ଗବାଡ଼ି ଅଭିମୁଖେ ବାହାରିଥିଲେ। କେହି ଦୁର୍ବୃତ୍ତ ତାଙ୍କୁ ନିଶାଦେଇ ୨୦ ହଜାର ଟଙ୍କା ସହ ବିଭିନ୍ନ ବ୍ୟବହାର ସାମଗ୍ରୀ ଥିବା ବ୍ୟାଗକୁ ଲୁଟି ନେଇଥିଲେ। ବସ୍ ଦାରିଙ୍ଗବାଡ଼ି ଚାରିଛକରେ ପହଞ୍ଚିବାପରେ ଭାଇ ପିଟର ପହଞ୍ଚି ମନୁଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପିଟର ପଚାରିବାରୁ ସେ ଟଙ୍କା ଲୁଟ୍ ହୋଇଥିବା କହିଥିଲେ। ଆଇଆଇସି ମାଝୀ କହିଛନ୍ତି ମନୁ ଏବେ ସଂଜ୍ଞାହୀନ ଅବସ୍ଥାରେ ଅଛନ୍ତି। ଚେତା ଫେରିଲେ ପଚରାଉଚରା ପରେ ପ୍ରକୃତ ଘଟଣା ଜଣାପଡିବ। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।

## ଫସଲ କ୍ଷତିପୂରଣ ଲାଗି କୃଷକ ସଙ୍ଗଠନର ଦାବିପତ୍ର

**କନିଷି,୨୨।୧୧(ଡି.ଏନ.ଏ.)**

ବାରହା ଉପଦ୍ରବ ଯୋଗୁ ଚଳିତ ବର୍ଷ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ କ୍ଷତି ହୋଇଛି। ଏହାର କ୍ଷତିପୂରଣ ଦେବା ପାଇଁ ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କନିଷି ଅତିରିକ୍ତ ତହସିଲଦାର ଅନିତା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କନିଷି ହାଟସ୍ଥିତ ଚନ୍ଦ୍ରକେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣଠାରୁ କୃଷକ ସଂଗଠନ ସଭାପତି ଲୋକନାଥ ଦଳେଇଙ୍କ ନେତୃତ୍ୱରେ ରାଲି ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବି ପତ୍ର ଦେଇଥିଲେ। ଏଥିରେ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ଉପଦେଷ୍ଟା ରମେଶ କର, ଦେବରାଜ ମହାନ୍ତି, ଭଗବାନ ବେହେରା, ବିଘ୍ନ



ନବ ନିର୍ମାଣ କୃଷକ ସଂଗଠନର ରାଲି ।

ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଚାଷୀ ଋଣ କରଜ କରି ଫସଲ କରିଥାନ୍ତି । କିନ୍ତୁ ଧାନ ଅମଳ ବେଳେ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ବାରହା ଉପଦ୍ରବ ହେତୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏଥିପ୍ରତି ଜିଲା ପ୍ରଶାସନ କିମ୍ବା କୃଷି ବିଭାଗ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ଚକଡ଼ା ପୋକ ଲାଗିଥିବା ଜମିକୁ ଠିକ ଆକଳନ କରନ୍ତୁ, ମଣ୍ଡିରେ ଠିକ୍ ଭାବେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯାଉ, ଚାଷୀଙ୍କୁ କାଳିଆ ଯୋଜନା ଠିକ୍ ଭାବେ ମିଳୁନାହିଁ ଆଦିର ତଦନ୍ତ କରି ସରକାର କ୍ଷତି ପୂରଣ ଦେବା ପାଇଁ ଦାବିପତ୍ରରେ ଜଣାଇଛନ୍ତି।

## ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

**ଶେରଗଡ଼,୨୨।୧୧(ଡି.ଏନ୍.ଏ.)**

ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର କାୟାକଳ୍ପ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଉକ୍ତ ଟିମ୍ ଖାଦ୍ୟର ମାନ ଯାଞ୍ଚ ସହ ଏଣିକି ରନ୍ଧା ଖାଦ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ବର୍ଜ୍ୟବସ୍ତୁର ପରିଚାଳନା, ଡାକ୍ତର ଖାନା ପରିସର ଓ ଶୌଚାଳୟ ସଫେଇ ହେଉଛି କି ନାହିଁ ବୁଲି ଦେଖିଥିଲେ। ପରେ ବିଭିନ୍ନ ଗୃହ ପରିଦର୍ଶନ କରିବା ସହ ଅନ୍ତଃବିଭାଗ, ବର୍ହିଃ ବିଭାଗ, ପ୍ରସୂତି ଗୃହ, ନିରାମୟ କେନ୍ଦ୍ର ଆଦି ବୁଲି ଦେଖିଥିଲେ। ଏନେଇ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେବେ। ଉକ୍ତ ଟିମ୍‌ରେ ଶିଶୁ ସ୍ୱାସ୍ଥ୍ୟ ଯୁଗ୍ମ ନିର୍ଦ୍ଦେଶିକା ଡାକ୍ତର ପ୍ରତିଭା ପ୍ରଧାନ,


କାୟାକଳ୍ପ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ତଦନ୍ତ କରୁଛନ୍ତି।

ଆୟୁଷ ବିଭାଗର ପରାମର୍ଶଦାତା ଡାକ୍ତର ଅସିତ କୁମାର ମହାନ୍ତି, କନିଷ୍ଠ ସହାୟିକା ଡାକ୍ତର ଇତିଶ୍ରୀ ମହାନ୍ତି, ସହକାରୀ ସ୍ୱଚ୍ଛତା ଅଧିକାରୀ ସଞ୍ଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସାନୁ ଦେବୀ, ଡାକ୍ତର ନାରାୟଣ ବେହେରା, ବିଇଓ କୁଞ୍ଜବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ପାଇଁ ଭି.ଲୋକନାଥ ପୁରସ୍କୃତ

**ଫୁଲବାଣୀ ଅଫିସ, ୨୨।୧୧**

କନ୍ଧମାଳ ଜିଲା ଫୁଲବାଣୀର ଯୁବ ରକ୍ତଦାତା ତଥା ପ୍ରୋତ୍ସାହନକାରୀ ଭି.ଲୋକନାଥ ରାଜୁଙ୍କୁ ଜିଲାପାଳ ଡା.ବୃନ୍ଦା ଡି ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଫୁଲବାଣୀ ରକ୍ତଦାନ ସମିତି ସକ୍ରିୟ ସଦସ୍ୟ ତଥା ରକ୍ତଦାତା ଭି.ଲୋକନାଥ ୨୦୦୪ରୁ ଫୁଲବାଣୀରେ ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟକରି ଆସୁଛନ୍ତି। ମେଡିକାଲରେ ଯେଉଁ ରୋଗୀଙ୍କ ରକ୍ତ ଆବଶ୍ୟକ ପଡେ, ଲୋକନାଥ ରକ୍ତ ଯୋଗାଡରେ ସାହାଯ୍ୟ କରିଥାନ୍ତି । ଆବଶ୍ୟକ ପଡିଲେ ନିଜେ ରକ୍ତ ଦେଇ ରୋଗୀଙ୍କ ଜୀବନ ବଞ୍ଚାଇଥାନ୍ତି । ଖାଲି ରୋଗୀ ନୁହେଁ, ଥାଲାସେମିଆ ରୋଗୀ ଯେଉଁମାନେ ନିୟମିତ ବ୍ୟବଧାନରେ ରକ୍ତ ଆବଶ୍ୟକ କରନ୍ତି ସେମାନଙ୍କୁ ମଧ ସାହାଯ୍ୟ କରି ଆସୁଛନ୍ତି। ତାଙ୍କର ଏଭଳି ପରୋପକାର ମନୋଭାବ ଏବଂ ନିଃସ୍ୱାର୍ଥପର ସେବା ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି ।


ଲୋକନାଥଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି।

## ତିତ୍ଲିରେ କାମ କରି ପାଇ ନାହାନ୍ତି ମଜୁରି

**ଫିରିଙ୍ଗିଆ, ୨୨।୧୧**

ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତର ଭାଲୁରଗାଁର ଲୋକେ ତିତ୍ଲି ବାତ୍ୟାରେ କାର୍ଯ୍ୟ କରି ଏ ପର୍ଯ୍ୟନ୍ତ ମଜୁରି ପାଇନାହାନ୍ତି। ଶୁକ୍ରବାର ଗ୍ରାମବାସୀ ଆସି ଫିରିଙ୍ଗିଆ ବିଡିଓଙ୍କୁ ଏ ସଂକ୍ରାନ୍ତରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। କାମ ବାବଦ ଟଙ୍କା ନ ମିଳିଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତିତ୍ଲିକୁ ବର୍ଷେ ପୂରିଲାଣି । ସେହି ସମୟରେ ଏକ ରାସ୍ତା ଭାଙ୍ଗି ଯାଇଥିଲା । ମରାମତି କାମ ଗ୍ରାମବାସୀ କରିଥିଲେ । ସେତେବେଳେ କାମ କଲେ ଟଙ୍କା ମିଳିବ ବୋଲି କୁହା ଯାଇଥିଲା । ଆଜି କାଲି କହି ବର୍ଷେ ବିତି ଗଲାଣି । ହେଲେ ଟଙ୍କା ମିଳୁନାହିଁ ବୋଲି ଗ୍ରାମବାସୀ ଗୋଲୋକ ବିହାରୀ କହଁର ଓ ଦିକୁ କହଁର ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କୁ ପଚାରିବାରୁ କାମର ତଦନ୍ତ ରିପୋର୍ଟ ଆସିଲା ପରେ ସେମାନଙ୍କୁ ଟଙ୍କା ଦିଆଯିବ ବୋଲି କହିଛନ୍ତି ।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଦକ୍ଷିଣକାଳୀ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁରେନ୍ଦ୍ର ମୁଦୁଲି**, ପିତା: ଗଙ୍ଗାଧର ମୁଦୁଲି, ସା: ପୋଡ଼ାଙ୍ଗ, ପୋ: ତେଲଇଶିପୁର, ଭାୟା: ସାତଶଙ୍ଖ, ଜିଲ୍ଲା: ପୁରୀ, ଓଡ଼ିଶା । | **ଜାମିନଦାର ଏବଂ ସମ୍ପତ୍ତି ମାଲିକ: ଶ୍ରୀ ନିରଞ୍ଜନ ପୃଷ୍ଟି**, ପିତା: ରାମଚନ୍ଦ୍ର ପୃଷ୍ଟି ଏବଂ **ଶ୍ରୀମତୀ ସ୍ୱର୍ଣ୍ଣଲତା ପୃଷ୍ଟି**, ସ୍ୱାମୀ: ନିରଞ୍ଜନ ପୃଷ୍ଟି, ସା/ପୋ: ଖେଲାର, ଭାୟା: ବେରବୋଇ, ଜିଲ୍ଲା: ପୁରୀ, ଓଡ଼ିଶା । | **ଶ୍ରୀ ନିରଞ୍ଜନ ପୃଷ୍ଟି**, ପିତା: ରାମଚନ୍ଦ୍ର ପୃଷ୍ଟି ଏବଂ **ଶ୍ରୀମତୀ ସ୍ୱର୍ଣ୍ଣଲତା ପୃଷ୍ଟି**, ସ୍ୱାମୀ: ନିରଞ୍ଜନ ପୃଷ୍ଟିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଖେଲାର, ତହସିଲ୍: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ମ୍ୟୁଟେଡ୍ ଖାତା ନଂ.: ୭୧୩/୧୯୩, ମ୍ୟୁଟେଡ୍ ପ୍ଲଟ ନଂ.: ୨୨୦, କ୍ଷେତ୍ର : ଏକର ୦.୩୩ ଡିସିମିଲ, କିସମ: ଘରବାଡି, ଚୌହଦୀ-ପୂର୍ବ: ତେଲାଙ୍ଗ-ପିପିଲି ରୋଡ୍, ପଶ୍ଚିମ: ଗଡିଆ ପାଇକରାୟ, ଉତ୍ତର: ବ୍ରଜବନ୍ଧୁ ସାମନ୍ତରାୟ, ଦକ୍ଷିଣ: ହେମକାନ୍ତ ସାହୁ । | ୧୨.୦୭.୨୦୧୯ | ୨୧.୧୧.୨୦୧୯ | ୧୦.୦୭.୨୦୧୯ ସୁଦ୍ଧା ଟ.୧୩,୬୮,୩୯୬/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ମଞ୍ଜରୀ ଅଗ୍ରୱାଲ**, ଉଭୟଙ୍କ ଠିକଣା-ଅକ୍ଷୟ ପାତ୍ର ଫାଉଣ୍ଡେସନ ସମ୍ମୁଖ, ଗ୍ରାଣ୍ଡ ରୋଡ଼, ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ, ପିନ-୭୫୨୦୦୧ । | **ଜାମିନଦାର ଏବଂ ସମ୍ପତ୍ତି ମାଲିକ: ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ**, ପିତା: ସ୍ୱ ଶ୍ୟାମସୁନ୍ଦର ଅଗ୍ରୱାଲ, ଅକ୍ଷୟ ପାତ୍ର ଫାଉଣ୍ଡେସନ ସମ୍ମୁଖ, ଗ୍ରାଣ୍ଡ ରୋଡ଼, ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ, ପିନ-୭୫୨୦୦୧ । | **ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ**, ପିତା: ସ୍ୱ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶ ବିଶେଷ ଯାହାର ଜିଲ୍ଲା: ପୁରୀ, ଡିଏସଆରଓ: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ. ୨୫, ତହସିଲ୍: ପୁରୀ ସଦର, ନଂ.: ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ ନଂ.: ୧୦, କିସମ: ଘରବାଡି-୧, କ୍ଷେତ୍ର : ଏକର ୦.୩୦୦ ଡିସିମିଲ୍‌ରୁ ଏକର ୦.୮୭.୫ ଡିସିମିଲ, ପରିବର୍ତ୍ତିତ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମାହଲ, ସାବିକ୍ ଜମାବନ୍ଦି ନଂ. ୮୦, ସାବିକ୍ ପ୍ଲଟ ନଂ.: ୬୦୩, କ୍ଷେତ୍ର: ଏକର ୦.୦୩୦୮ ଡିସିମିଲ (ଅଂଶ), ଅବିଭାଜିତ ଜମିରେ ବିକ୍ରିତ ଫ୍ଲାଟ୍‌ର ଏରିଆ: ମୋଟ କ୍ଷେତ୍ର ଏକର ୦.୦୮୭.୫ ଡିସିମିଲ୍‌ରୁ ଏକର ୦.୦୦୫.୮୩ ଡିସିମିଲ, ଯାହାକି ୨୫୪ ବର୍ଗ ଫୁଟ, ସାଧାରଣ ଫ୍ଲୋରିଙ୍ଗ ସହିତ ୬୦୮ ବର୍ଗଫୁଟରେ ୪ର୍ଥ ମହଲାରେ ଥିବା ଫ୍ଲାଟ୍ ନଂ. ୪୦୧ । | ୨୫.୦୩.୨୦୧୯ | ୨୧.୧୧.୨୦୧୯ | ୧୫.୦୩.୨୦୧୯ ସୁଦ୍ଧା ଟ.୧୮,୪୦,୫୮୪/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ: ୨୨.୧୧.୨୦୧୯,
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ତେଜରାତି ଦୋକାନରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର ଅଫିସ,୨୨।୧୧:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଗୋଦାବରୀଶ ନଗର ତୃତୀୟ ଲାଇନରେ ଥିବା ଏକ ତେଜରାତି ଦୋକାନରେ ଶୁକ୍ରବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ସହ ଦୋକାନ ମାଲିକ କବିଚନ୍ଦ୍ର ପଣ୍ଡାଙ୍କୁ ମଧ ଖବର କରିଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗୋଦାବରୀଶ ନଗରରେ ପହଞ୍ଚି ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ଦୋକାନ ଭିତରେ ଡ଼ାଲି, ଚାଉଳ ଓ ଗହମ ଇତ୍ୟାଦି ସାମଗ୍ରୀ ଥିବା ବେଳେ ଅଗ୍ନିକାଣ୍ଡରେ ତାହା ପୋଡ଼ି ପାଉଁଶ ହୋଇଯାଇଛି । ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସହକାରୀ ଅଗ୍ନିଶମ ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ଦୋକାନ ମାଲିକ ପଣ୍ଡା କହିଛନ୍ତି।

### ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ପଲିଥିନ ଜବତ ୧୦ ହଜାର ଟଙ୍କା ଜରିମାନା ଆଦାୟ

**ଦିଗପହଣ୍ଡି,୨୨।୧୧(ଡି.ଏନ.ଏ.):** ଦିଗପହଣ୍ଡି ଏନ୍ଏସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ସହରରେ ପଲିଥିନ ବିକ୍ରି ଧରପଗଡକୁ ଜୋର୍‌ଦାର କରାଯାଇଛି। ଗୁରୁବାର ମେଡିକାଲ ଛକରେ ଥିବା ସନ୍ତୋଷ ପାତ୍ରଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରାଯାଇ ୬୨ କେଜି ପଲିଥିନ ଜବତ କରାଯାଇଥିଲା। ବ୍ୟବସାୟୀଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଜଣାଇଛନ୍ତି। ଦିଗପହଣ୍ଡି ସହରକୁ ପଲିଥିନ ମୁକ୍ତ କରିବା ଲାଗି ଏନ୍ଏସି ପକ୍ଷରୁ କ୍ରମାଗତ ଚଢାଉ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

### ବାଲି, ପଥର ବୋଝେଇ ଟ୍ରାକ୍ଟର ଜବତ: ଜରିମାନା ଆଦାୟ

**ଦିଗପହଣ୍ଡି,୨୨।୧୧(ଡି.ଏନ.ଏ.):** ଦିଗପହଣ୍ଡି-ଚିକିଟି ରାସ୍ତାର ଦେଓଖାଲି ନିକଟରେ ଶୁକ୍ରବାର ତହସିଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ୩ ବାଲି, ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ସମେତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି ଟ୍ରାକ୍ଟରଗୁଡ଼ିକର କାଗଜପତ୍ର ଯାଞ୍ଚ କରିଥିଲେ। ବାଲି, ପଥର ଚାଲାଣ ପାଇଁ ଆବଶ୍ୟକ ଅନୁମତିପତ୍ର ନ ଥିବାରୁ ଟ୍ରାକ୍ଟର ମାଲିକମାନଙ୍କ ନିକଟରୁ ରୟାଲିଟି ଓ ଜରିମାନା ବାବଦରେ ୩୮ ହଜାର ଟଙ୍କା ଆଦାୟ କରାଯାଇଥିବା ତହସିଲଦାର ଜଣାଇଛନ୍ତି।

### ଶ୍ରୀ ଶ୍ରୀ ବଡ଼ଦାଙ୍କ ଜୟନ୍ତୀ ସମାରୋହ

**ବ୍ରହ୍ମପୁର ଅଫିସ,୨୨।୧୧:** ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡ଼ଦାଙ୍କର ୧୦୯ତମ ଜନ୍ମ ଜୟନ୍ତୀ ମହୋତ୍ସବ ଶୁକ୍ରବାର ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ସିଟି ହସ୍ପିଟାଲ ରୋଡସ୍ଥ ସତ୍‌ସଙ୍ଗ ବିହାରରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା, ଭକ୍ତି ସଂଗୀତାଞ୍ଜଳି ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭକ୍ତଙ୍କୁ ବଡ଼ଦାଙ୍କ ଶୁଭ ଜନ୍ମ ଲଗ୍ନ ସମ୍ପର୍କରେ ସଚେତନ କରାଯାଇଥିଲା । ଅପରାହ୍ନରେ ଶିଳ୍ପାଞ୍ଚଳସ୍ଥ ଉପଯୋଜନା କେନ୍ଦ୍ରରେ ମାତୃ ସମ୍ମିଳନୀ ହୋଇଥିଲା । ବହୁ ସଂଖ୍ୟକ ମହିଳା ଏଥିରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସମବେତ ଭକ୍ତଙ୍କ ପ୍ରାର୍ଥନା ସହ ଭଜନ ସମାରୋହ ଏବଂ ସତ୍‌ସଙ୍ଗ ଓ ସଦାଲୋଚନାର ଆୟୋଜନ କରାଯାଇଥିଲା। ମହାନଗରର ବିଭିନ୍ନ ଅଞ୍ଚଳରୁ ମହିଳା ଓ ପୁରୁଷମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବଡ଼ଦାଙ୍କ ଦିବ୍ୟଜୀବନୀ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ପାଇଁ ଶିଳ୍ପାଞ୍ଚଳ ଉତ୍ସବମୁଖର ହୋଇଯାଇଥିଲା । ଉତ୍ସବ କମିଟି ସଭାପତି ଶରତ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କେନ୍ଦ୍ର-ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିର ପ୍ରତିବାଦ

# ଗଞ୍ଜାମ ଜିଲା କଂଗ୍ରେସର ବିକ୍ଷୋଭ, ଗଣଧାରଣା

**ବ୍ରହ୍ମପୁର ଅଫିସ,୨୨।୧୧**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ଏବଂ ବହୁମୁଖୀ ଦୁର୍ନୀତି ପ୍ରତିବାଦରେ ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରରେ ଶୋଭାଯାତ୍ରା ସହ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଦିଆଯାଇଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱିତୀୟ ପାଳି କ୍ଷମତାସୀନ ହେବା ପରେ ଦେଶ ଅର୍ଥନୀତିକୁ ଧ୍ୱଂସ କରି ଦେଇଥିବାରୁ ମାନ୍ଦାବସ୍ଥା ଯୋଗୁ ସବୁ କ୍ଷେତ୍ରରେ ଓ ବିଶେଷକରି ଶିଳ୍ପାନୁଷ୍ଠାନରେ ଉତ୍ପାଦନ ହ୍ରାସ ପାଇଥିବା ସଙ୍ଗିନ ଅଭିଯୋଗ କରାଯାଇଥିଲା। ଫଳରେ ଦେଶରେ ବେକାରି ଦ୍ରୁତଗତିରେ ବଢ଼ି ଚାଲିଛି ଏବଂ ଲାଭଜନକ ସଂସ୍ଥା ଇଣ୍ଡିଆନ ଏୟାର ଲାଇନ୍ସ, ଭାରତ ପେଟ୍ରୋଲିୟମ ଆଦିର ଅଂଶଧନ ବିକ୍ରି କରାଯିବା ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରର ମୋଦି ଏବଂ ରାଜ୍ୟ ନବୀନ ସରକାର ଦୁର୍ନୀତିକୁ ନୀତି ଭାବେ ଗ୍ରହଣ କରୁଥିବା ସମାଲୋଚନା କରାଯାଇଥିଲା ।



ଆରଡିସିଙ୍କ ଅଫିସ ଆଗରେ କଂଗ୍ରେସର ଗଣଧାରଣା ।

ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ପାଖରୁ ଶୋଭାଯାତ୍ରା ବାହାରିଥିଲା। ରାସ୍ତା ପରିକ୍ରମା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ଗତ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ, ଜିଲା ସଂଗଠନର କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା, ଆଇନ ସେଲ ମୁଖ୍ୟ ଶିବରାମ ପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଭୋକାଲୀ ସେଠୀ, ପ୍ରଫୁଲ୍ଲ ପଣ୍ଡା, ଧର୍ମାରାଜୁ ରେଡ୍ଡୀ ଓ ସୁବାସ ରାଉତ ପ୍ରମୁଖ ବିଧାୟକ ପ୍ରାର୍ଥୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ପ୍ରସାଦ ପାତ୍ର, ବୃନ୍ଦାବନ ଖଟେଇ, ରବି ଅଧିକାରୀ, ବିଜୟରାଜ ପାଣିଗ୍ରାହୀ ଓ ଅନେକ ଯୁବ, ଛାତ୍ର, ମହିଳା କଂଗ୍ରେସ କର୍ମୀମାନେ ସାମିଲ ହୋଇଥିଲେ ।

ଶୋଭାଯାତ୍ରା ପହଞ୍ଚିବା ପରେ ଆରଡିସି ଅଫିସ ଆଗରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା। ଆନ୍ଦୋଳନ ସ୍ଥଳରେ ହୋଇଥିବା ପ୍ରତିବାଦ ସଭାରେ କାର୍ଯ୍ୟକାରୀ ସଭାପତି ପଣ୍ଡା ଅଧକ୍ଷତା କରିଥିଲେ। ପ୍ରମୋଦ, ଶିବ ଓ ଅନ୍ୟମାନେ ଭାଷଣ ପ୍ରସଙ୍ଗରେ ରାଜ୍ୟ ବିଜେଡି ଶାସନରେ ଆଇନ ଶାସନ ଲୋପ ପାଇଥିବା ଏବଂ ନାରୀ ନିର୍ଯାତନା ସାଙ୍ଗକୁ ନାବାଳିକା ବଳାତ୍କାରରେ ଓଡ଼ିଶା ଏବେ ଏକ ନମ୍ବର ମାନ୍ୟତା ପାଇବାକୁ ଯୋଗ୍ୟ ହୋଇଥିବା କଟାକ୍ଷ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟର ଅନ୍ତ ଘଟାଇ ଦୁର୍ନୀତିମୁକ୍ତ ଶାସନ ପ୍ରତିଷ୍ଠାରେ ହସ୍ତକ୍ଷେପ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଗୋପାଳପୁର ଏନ୍ଏସି ପରିଦର୍ଶନ କଲେ କେନ୍ଦ୍ର-ରାଜ୍ୟ ପ୍ରତିନିଧି ଦଳ


ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି ପ୍ରତିନିଧି ଦଳ।

**ଗୋପାଳପୁର,୨୨।୧୧**

କେନ୍ଦ୍ର ଓ ରାଜ୍ୟର ପ୍ରତିନିଧି ଦଳ ଗୋପାଳପୁର ଏନ୍ଏସ ବସ୍ତି ଶୁକ୍ରବାର ପରିଦର୍ଶନ କରିଛନ୍ତି। କେନ୍ଦ୍ର ଗୃହ ବିଭାଗ ପର୍ଯ୍ୟବେକ୍ଷକ ଅଖିଳେଶ କିର୍କେ ଓ ରାଜ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପର୍ଯ୍ୟବେକ୍ଷକ ପାର୍ଥ ସାରଥି ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୭ନଂ. ୱାର୍ଡ଼ ବସ୍ତି ଅଞ୍ଚଳ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଡ୍ରେନ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଉଜ୍ଜ୍ୱଳା ଯୋଜନା ଓ ଅନ୍ୟ ସମସ୍ୟା ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଏନ୍ଏସି ପକ୍ଷରୁ ବସ୍ତି ଗୁଡ଼ିକରେ ଯେଉଁ ଉନ୍ନୟନମୂଳକ ପଦକ୍ଷେପ ନିଆଯାଇଛି ତାହାକୁ ପ୍ରଶଂସା କରିଥିଲେ। ଏଭଳି ଯୋଜନା ଅନ୍ୟ ରାଜ୍ୟରେ ମଧ ଲାଗୁ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଓ ଅନ୍ୟ ଅଧିକାରୀଙ୍କ ସହ ମଧ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଏହି ଅବସରରେ ରଶ୍ମି ନାହାକ, ଅନାମିକା ପଟ୍ଟନାୟକ, ପ୍ରିୟରଞ୍ଜନ ମହାରଣା, ରାକେଶ ଓ ସ୍ୱଚ୍ଛ ସାଥୀ, ସୁପରଭାଇଜର ଉପସ୍ଥିତ ଥିଲେ ।

## ବ୍ରହ୍ମପୁରରେ ସ୍ୱରେଜ ନିର୍ମାଣ ଦାବି

# ପ୍ରଗତିଶୀଳ ଉତ୍କଳ ସମାଜର ଆରଡିସିଙ୍କୁ ଦାବିପତ୍ର



ଦାବିପତ୍ର ପ୍ରଦାନ ଅବସରରେ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ପ୍ରଗତିଶୀଳ ଉତ୍କଳ ସମାଜ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୨।୧୧**

ବ୍ରହ୍ମପୁର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ତଥା ଜଳବନ୍ଦୀରୁ ମୁକ୍ତି ପାଇଁ ସହରରେ ସ୍ୱରେଜ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ବ୍ରହ୍ମପୁର ସାମାଜିକ ଅନୁଷ୍ଠାନ ପ୍ରଗତିଶୀଳ ଉତ୍କଳ ସମାଜ ଏହି ଦାବି କରିଛି । ଏନେଇ ସମାଜ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଥିଲା। ନିକଟରେ ଲଘୁଚାପ ଜନିତ ବର୍ଷାରେ ସହରର ଅଧିକାଂଶ ଅଞ୍ଚଳ ଜଳବନ୍ଦୀ ହୋଇଥିଲା। ଦୀର୍ଘ ସମୟ ଧରି ଅନେକ ଅଞ୍ଚଳବାସ ଜଳବନ୍ଦୀ ହୋଇ ରହିଥିଲେ। ଯାହାଦ୍ୱାରା ତଳିଆ ଅଞ୍ଚଳର କୂପଗୁଡିକ ନଷ୍ଟ ହେବା, ଜଳବନ୍ଦୀ ଅଞ୍ଚଳଗୁଡିକର ପରିବେଶ ଦୂଷିତ ହୋଇଥିଲା । ଦୀର୍ଘ ସମୟଧରି ବର୍ଷାଜଳ ଜମି ରହିବା ଦ୍ୱାରା ଅନେକ ଅଞ୍ଚଳର ରାସ୍ତା ମଧ ଖରାପ ହୋଇଯାଇଛି । କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ପୁରୀ ଆଦି ସହରରେ ସ୍ୱରେଜ ବ୍ୟବସ୍ଥା କରାଯାଇଥିବା ବେଳେ ବ୍ରହ୍ମପୁରକୁ ଅଣଦେଖା କରାଯାଉଛି। ଗତ ଆର୍ଥିକ ବର୍ଷରେ ବ୍ରହ୍ମପୁର ସହର ପାଇଁ ସ୍ୱରେଜ ବ୍ୟବସ୍ଥା କରାଯିବାକୁ ଯୋଜନା ରହିଥିବା ସତ୍ତ୍ୱେ ଏହା ନିର୍ମାଣରେ ଅବହେଳା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଗଠନ କ୍ଷୋଭ ପ୍ରକାଶ କରିଛି । ତେଣୁ ତୁରନ୍ତ ସ୍ୱରେଜ ସହ ୱାଟର ଟ୍ରିଟମେଣ୍ଟ ସେଣ୍ଟର ନିର୍ମାଣ କରାଯିବାକୁ ସମାଜ ଦାବିପତ୍ରରେ ଉଲ୍ଲେଖ କରିଛି । ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସମାଜ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଧ ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ ସମାଜ ମୁଖ୍ୟ ଉପଦେଷ୍ଟା ବଳରାମ ଦାଶ, ଜିଲା ସଭାପତି ଆଇନଜୀବୀ ପ୍ରଦୀପ୍ତ କୁମାର ମିଶ୍ର, ଉପସଭାପତି ଭି. ତାରିଣୀ କୁମାର, ଜିଲା ସମ୍ପାଦକ ଲିଙ୍ଗରାଜ ମହାପାତ୍ର, ନଗର ସଭାପତି ଜଗଦାନନ୍ଦ ଦାଶ, ସମ୍ପାଦକ ଉମାକାନ୍ତ ନାୟକ, ଜିଲା ସଂଯୋଜକ ଜିତେନ୍ଦ୍ର କୁମାର ମୁନି, ସାଂଗଠନିକ ସମ୍ପାଦକ ଆଇନଜୀବୀ ଆଦିତ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୨।୧୧**

ରେଳପଥ ପୋଲିସ ଶୁକ୍ରବାର ସକାଳେ ଆଙ୍କୁଲି ରେଳ ଫାଟକ ନିକଟ ଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ରାଜପୁର ଗ୍ରାମର ସିଦ୍ଧାନ୍ତ କୁମାର କୋଠିଆ (୧୮)। ସେ ଜଣେ ଆଇଟିଆଇ ଛାତ୍ର ବୋଲି ପୋଲିସ କହିଛି । ମୃତଦେହ ଜବତ କରି ନଂ.୫୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଟ୍ରେନରୁ ଖସିପଡ଼ି ଛାତ୍ରଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି।

ପ୍ରକାଶ ଯେ, ଗୁରୁବାର ସକାଳେ ସିଦ୍ଧାନ୍ତ କୌଣସି କାମ ପାଇଁ ଭୁବନେଶ୍ୱର ଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଜିଆରପି ପୋଲିସ ଉଦ୍ଧାର କରିଛି। ତାଙ୍କ ପକେଟରୁ ମିଳିଥିବା ଆଧାର କାର୍ଡରୁ ନାମ ପୋଲିସ ସ୍ପଷ୍ଟ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା । ତାଙ୍କ ମାମୁଁ ସୁମନ୍ତ କୁମାର ଜେନା ପହଞ୍ଚି ସିଦ୍ଧାନ୍ତଙ୍କ ମୃତଦେହ ଚିହ୍ନଟ କରିଥିଲେ। ଅନ୍ୟପଟେ ତାଙ୍କ ପକେଟରୁ ଖୋର୍ଦ୍ଧାରୁ ବ୍ରହ୍ମପୁର ଏକ ରେଳ ଟିକେଟ ମିଳିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ପୋଲିସ ଉପରକୁ ଗୁଳିମାଡ ମାମଲା

# ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୨୨।୧୧**

ଗଞ୍ଜାମ ଜିଲା ଅତିରିକ୍ତ ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟ (ଏସ୍‌ଜେଏମ୍) ସରୋଜ କୁମାର ଦାସ ଶୁକ୍ରବାର ପୋଲିସ ଉପରକୁ ଗୁଳିମାଡ ମାମଲାର ବିଚାର କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଦୁର୍ଦ୍ଦାନ୍ତ ଅପରାଧୀ ଆଣ୍ଡାଲା ଓରଫ ସୁବାସ ଚନ୍ଦ୍ର ନାୟକଙ୍କୁ ୪ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୬ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବାକୁ ମଧ ନିର୍ଦ୍ଦେଶ ରହିଥିବା କୋର୍ଟ ସୂତ୍ରରୁ ପ୍ରକାଶ।

ପ୍ରକାଶଯେ, ୨୦୧୬ ମେ ୨୩ ତାରିଖ ଭୋର ଆଣ୍ଡାଲା ଏକ ବାଇକ୍‌ରେ ଲାଠୀ ରାସ୍ତା ଦେଇ ଟାମଣା ଆଡକୁ ଯାଉଥିବା ତତ୍କାଳୀନ ସଦର ଥାନା ଅଧିକାରୀ ଶିବ ଶଙ୍କର ମହାପାତ୍ର ଖବର ପାଇ ତାଙ୍କ ପିଛା କରିଥିଲେ। ଗୋଳନ୍ଥରା ଥାନା ଅନ୍ତର୍ଗତ କଙ୍କିଆ ଛକରେ ପୋଲିସକୁ ଦେଖି ପ୍ରଥମେ ଆଣ୍ଡାଲା ଗୁଳିମାଡ଼ କରିଥିଲେ। ଏହାର ଜବାବରେ ପୋଲିସ ମଧ ତାଙ୍କ ଉପରକୁ ଗୁଳିମାଡ କରିଥିଲା। ପୋଲିସ ଗୁଳି ଅଣ୍ଡାଲାଙ୍କ ବାମ ଗୋଡରେ ବାଜିବାରୁ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୋଳନ୍ଥରା ପୋଲିସ ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୁଳି ଓ ବାଇକ୍ ଜବତ କରିଥିଲା। ମାମଲା ନଂ.୭୨/୧୬ରେ ଆଣ୍ଡାଲା ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁଶାନ୍ତ କୁମାର ସାହୁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଆଣ୍ଡାଲା ଜାମିନରେ ଛାଡ ପାଇଥିଲେ। ଶୁକ୍ରବାର ଏହି ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଏସିଜେଏମ୍ ଆଣ୍ଡାଲାଙ୍କୁ ଉପରୋକ୍ତ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଭି.ପ୍ରସନ୍ନ କୁମାର ପାତ୍ର ଓ ରଜତ କୁମାର ଦାସ ମକଦ୍ଦମା ପରିଚାଳନା କରିଥିଲେ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୧ତମ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୨୨।୧୧**

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଶୁକ୍ରବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ତାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଜେଲ ଫାଶୀଖୁଣ୍ଟରେ ମଧ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବୈଠକରେ ଅତିଥିମାନଙ୍କ ଦ୍ୱାରା ଲକ୍ଷ୍ମଣ ନାୟକଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରି ତାଙ୍କ ଜୀବନୀ ଉପରେ ଗବେଷଣା ହେଉ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲାଇ ଲକ୍ଷ୍ମଣ ନାୟକ ଜଣେ ଅସାଧାରଣ ଦେଶପ୍ରେମୀ ଓ ନିର୍ଭୀକ ସଂଗ୍ରାମୀ। ସେ ଜାତି ଓ ଦେଶ ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ମୁଖ୍ୟବକ୍ତା ମନୋଜ ଦାସ ଶହୀଦ ଲକ୍ଷ୍ମଣ ନାୟକ ଓଡ଼ିଶାର ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଥିଲେ। ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ବୋଲି ସେ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ କହିଥିଲେ, ଶହୀଦ ଲକ୍ଷ୍ମଣଙ୍କ ସ୍ମୃତି ଓ ବିଚାରଧାରାରେ ଅନୁପ୍ରାଣିତ ହେବା ଆବଶ୍ୟକ । ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡାଙ୍କ ମତରେ ବୀର ଲକ୍ଷ୍ମଣ ନାୟକ ମହାନ ଦେଶପ୍ରେମୀ ଥିବା ବେଳେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାରେ ସାମିଲ ହୋଇ ଦେଶ ପାଇଁ ନିଜ ଜୀବନକୁ ବାଜି ଲଗାଇଥିଲେ । ଏଣୁ ତାଙ୍କୁ ମାଲକାନଗିରିର ଗାନ୍ଧୀ ବୋଲି କୁହାଯାଉଛି। ଅନ୍ୟମାନଙ୍କ ମଧ୍ୟରେ କାରାଗାର ଉପ ମହାନିରୀକ୍ଷକ ରଘୁନାଥ ମାଝି, ବ୍ରହ୍ମପୁର ମଣ୍ଡଳ କାରାଗାର ବରିଷ୍ଠ ଅଧୀକ୍ଷକ ଆଶିଷ କୁମାର ସିହ୍ନା ଓ କାରାପାଳ ଶଶିକାନ୍ତ ମହାଲିକ ମଞ୍ଚାସୀନ ଥିଲେ। ଏହାକୁ ପରିଚାଳନାରେ ସହକାରୀ କାରାପାଳ କାମାକ୍ଷୀ ପ୍ରସାଦ ପତି, ତାରିଣୀସେନ ଦେଉରୀ ଓ ହନୁ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

ସେହିପରି ଶୁକ୍ରବାର କୋର୍ଟପେଟାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ କେ. ସୁଜାତା କୁମାର ସୁବୁଦ୍ଧି, ଶିକ୍ଷକ କେଦାରନାଥ ଚୌଧୁରୀ, ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ତାଙ୍କ ସ୍ମୃତିଚାରଣ କରାଯାଇଥିଲା ।

# ଜାନୁୟାରୀରୁ ସେପ୍ଟେଜ ପରିଚାଳନା କରିବେ ଏସ୍ଏଚଜି

**ବ୍ରହ୍ମପୁର ଅଫିସ,୨୨।୧୧**

ବ୍ରହ୍ମପୁର ମହୁଡାରେ ନିର୍ମିତ ସେପ୍ଟେଜ ବିଶୋଧନାଗାରର ପରିଚାଳନା କରିବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସୁଦୃଢ କରିବା ତଥା ମହିଳାଙ୍କୁ ଶକ୍ତିଶାଳୀ କରିବାକୁ ନେଇ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିପାଇଁ ବିଗତ ଦିନରେ ମନୋନୀତ ହୋଇଥିବା ଅଗ୍ରତା ସିଟି ଲେବେଲ ଫେଡେରେଶନ (ସିଏଲଏଫ) ୩୦ ମହିଳାଙ୍କ ତାଲିମ କାର୍ଯ୍ୟକ୍ରମ ଗତ ୧୯ତାରିଖରୁ ଆରମ୍ଭ ହୋଇଛି । ଜାନୁୟାରୀ ୧୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତାଲିମରେ ଫେଡେରେଶନର ୨୦ ମହିଳାଙ୍କୁ ବିଶୋଧନାଗାର ପରିଚାଳନା ଉପରେ ଓ ୧୦ ମହିଳାଙ୍କୁ ପ୍ଲାଣ୍ଟରୁ ବାହାରୁଥିବା କୋ କମ୍ପୋଷ୍ଟର ମାର୍କେଟିଂ, ବ୍ରାଣ୍ଡିଂ ଓ ପ୍ରକ୍ରିୟା ଉପରେ ତାଲିମ ଦିଆଯାଉଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ଟେକ୍ନିକାଲ ସପୋର୍ଟ ୟୁନିଟ ଅଧିକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ତାଲିମ ପ୍ରଦାନ କରୁଛନ୍ତି। ତାଲିମ ପରେ ଜାନୁୟାରୀ ୨୦୨୦ରୁ କାର୍ଯ୍ୟଦକ୍ଷତା ଅନୁୟାୟୀ ଉକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣଙ୍କ ମଧ୍ୟରୁ ୧୦ ମହିଳାଙ୍କୁ ପ୍ଲାଣ୍ଟ ପରିଚାଳନା ଦାୟିତ୍ୱ ଦିଆଯିବ ବୋଲି ବିଏମ୍‌ସିର ଟେକ୍ନିକାଲ ସପୋର୍ଟ ୟୁନିଟ କନ୍‌ସଲଟାଣ୍ଟ ବିଭୁଦତ୍ତ ସାହୁ ସୂଚନା ଦେଇଛନ୍ତି ।


ମହିଳା ଏସ୍ଏଚଜିଙ୍କୁ ତାଲିମ ପ୍ରଦାନ କରାଯାଉଛି ।

**୨ ମାସ ତାଲିମ ନେବେ ୩୦ ମହିଳା ଏସ୍ଏଚଜି**

ସୂଚନାଯୋଗ୍ୟ, ସହରରୁ ବହାରୁଥିବା ମଳ ପରିଚାଳନା ପାଇଁ ୨୦୧୮ ଅକ୍ଟୋବର ୨୬ରେ ବ୍ରହ୍ମପୁର ମହୁଡାରେ ସେପ୍ଟେଜ ବିଶୋଧନାଗାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହାପରେ ୧ ବର୍ଷ ପାଇଁ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ଜଳଯୋଗାଣ ଓ ସିୱେଜ ବୋର୍ଡକୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ପ୍ଲାଣ୍ଟ ନିର୍ମାଣ ହୋଇ ବର୍ଷେ ବିତିଥିବା ବେଳେ ଏହାର ସ୍ଥାୟୀ ପରିଚାଳନା ଦାୟିତ୍ୱ ଏସ୍ଏଚଜି ମହିଳାଙ୍କୁ ପ୍ରଦାନ କରାଯିବାକୁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ।

## ସଂକ୍ଷେପରେ

### ଖାଦ୍ୟନଳୀ ସଂକ୍ରମଣ
### ଜିଲାପାଳଙ୍କୁ ଭେଟିଲେ ମା'ଙ୍କ ସହ ପୀଡ଼ିତ



**ଛତ୍ରପୁର,୨୨।୧୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଦାନପୁର ଗାଁର ଧୋବା ପ୍ରଧାନଙ୍କ ପୁଅ ସନ୍ତୋଷ ଖାଦ୍ୟ ନଳୀ ସଂକ୍ରାନ୍ତୀୟ ରୋଗରେ ପୀଡିତ ଅଛନ୍ତି। ସବୁଆଡୁ ନିରାଶ ହେବା ପରେ ଅବଦୁଲ କଲାମ୍ ଜନକଲ୍ୟାଣ ପରିଷଦର ପୂର୍ଣ୍ଣ ଚନ୍ଦ୍ର ବେହେରା ଶୁକ୍ରବାର ପୀଡିତ ସନ୍ତୋଷ ଓ ତାଙ୍କ ମା' ସୁଶୀଲାଙ୍କୁ ଧରି ଛତ୍ରପୁର ଆସିଥିଲେ। ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ୧୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜିଲାପାଳ ମଞ୍ଜୁର କରିଥିଲେ। ସନ୍ତୋଷଙ୍କ ବାପା ଦୃଷ୍ଟିବାଧିତ। ସୁରତରେ ଥିବା ବେଳେ ସନ୍ତୋଷ ଏହି ରୋଗରେ ପୀଡିତ ହୋଇଥିଲେ। ବିଶାଖାପାଟଣାରେ ଘରୋଇ ହସ୍ପିଟାଲ ଏବଂ ଭୁବନେଶ୍ୱର ଓ ପରେ ନୂଆଦିଲ୍ଲୀ ସ୍ଥିତ ଏମ୍ସକୁ ଯାଇ ଚିକିତ୍ସା କରିଛନ୍ତି। ମାତ୍ର ସେ ସୁସ୍ଥ ହୋଇପାରି ନାହାନ୍ତି।

### ବାରିକୁମ୍ପାରେ ସୃଜନ ପ୍ରତିଯୋଗିତା

**ଖଜୁରିପଡ଼ା,୨୨।୧୧(ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ଅଧୀନରେ ଥିବା ବାରିକୁମ୍ପା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୃଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଲସକୁମ୍ପା ସରପଞ୍ଚ ଅଜୟ୍ କୁମାର ମଲିକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲସକୁମ୍ପା ପୂର୍ବତନ ସରପଞ୍ଚ ସଞ୍ଜୟ୍ କୁମାର କହଁର ଯୋଗଦେଇ ଜଗନ୍ନାଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ୧୧ ବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର କହଁରଙ୍କ ସହ ସିଆର୍‌ସିସି ସ୍ୱର୍ଣ୍ଣପ୍ରଭା ମହାରଣା ପରିଚାଳନା କରିଥିଲେ।

### ଧରାକୋଟରେ ନୂତନ ଥାନାଧିକାରୀ

**ଧରାକୋଟ,୨୨।୧୧(ଡି.ଏନ.ଏ.):** ଧରାକୋଟ ଥାନାରେ ଶୁକ୍ରବାର ନୂତନ ଥାନାଧିକାରୀ ଭାବେ ସହଦେବ ମହାପାତ୍ର ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟରତ ଥାନାଧିକାରୀ ସନ୍ତୋଷ କୁମାର ବେହେରାଙ୍କୁ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସହଦେବ ଚମାଖଣ୍ଡି ଥାନାରୁ ଆସି ଏଠାରେ ଥାନାଧିକାରୀ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଆସିକା ଉପଖଣ୍ଡ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ଥିଲେ।

■ ଖଲ୍ଲିକୋଟ ସିଡିପିଓଙ୍କୁ କାରଣଦର୍ଶାଅ ନୋଟିସ

# ମମତା ସହାୟତା ଦେବାକୁ ନିର୍ଦ୍ଦେଶ

■ ସିଡିପିଓ ଅଫିସରେ ବାୟୋମେଟ୍ରିକ୍ ବ୍ୟବସ୍ଥା

■ ଛତୁଆ କେନ୍ଦ୍ରରେ ସିସି କ୍ୟାମେରା ବାଧ୍ୟତାମୂଳକ

**ଛତ୍ରପୁର,୨୨।୧୧(ଡି.ଏନ.ଏ.)**



ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଗଞ୍ଜାମ ଜିଲା ସମାଜ ମଙ୍ଗଳ ବିଭାଗର ଏକ ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ମମତା ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଠିକ୍ ସମୟରେ ସହାୟତା ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ୯୯ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୨ ଗର୍ଭବତୀଙ୍କୁ ଅନୁଦାନ ଏଯାବତ୍ ମିଳିନି। ଏହି ଯୋଜନା ନେଇ ସଚେତନତା କାର୍ଯ୍ୟକ୍ରମ କରିବା ସହ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାହିଁକି ସହାୟତା ରାଶି ଦିଆଯାଇନି ସେ ସମ୍ପର୍କରେ ୭ ଦିନ ମଧ୍ୟରେ ଜଣାଇବାକୁ ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୋ ସରକାର କାର୍ଯ୍ୟକ୍ରମରେ ଉକ୍ତ ବିଭାଗ ଡିସେମ୍ବର ୧ରେ ସାମିଲ ହେବାକୁ ଯାଉଥିବାରୁ ଠିକ୍ ଭାବେ ସବୁ ଯୋଜନା କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ଜିଲାରେ ୪୯ ଅଙ୍ଗନୱାଡି କର୍ମୀ ଓ ୮ ଅଙ୍ଗନୱାଡି ସହାୟିକା ପଦବୀ ଖାଲି ପଡିଛି। ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ସିଡିପିଓ ଓ ସୁପରଭାଇଜରମାନେ ନିୟମିତ ପରିଦର୍ଶନରେ ଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୬୮୯ ଅଙ୍ଗନୱାଡି କେନ୍ଦ୍ର କୋଠାର ନିର୍ମାଣ ଚାଲିଥିବା ବେଳେ ୮୪୬ କେନ୍ଦ୍ର କୋଠା ନିର୍ମାଣ ଆରମ୍ଭ ହୋଇନି। ବିନା ପାଣିରେ ଅଙ୍ଗନୱାଡି କେନ୍ଦ୍ର ଚାଲିପାରିବନି ଏବଂ ଏହାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖଲ୍ଲିକୋଟ ସିଡିପିଓଙ୍କ କାର୍ଯ୍ୟ ଅତି ନୈରାଶ୍ୟଜନକ ରହିଛି ଏବଂ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ କର୍ମୀମାନଙ୍କର ଦିଆଯାଉଥିବା ତଥ୍ୟ ଠିକ୍ ରହୁ ନ ଥିବା ଜିଲା ଟିମ୍ ପରିଦର୍ଶନ ବେଳେ ଜାଣିବାକୁ ମିଳୁଛି। ଏହାର ନିୟମିତ ଯାଞ୍ଚ ହେବ ବୋଲି ଜିଲାପାଳ କହିଥିଲେ। ଛତୁଆ କେନ୍ଦ୍ରରେ ସିସି କ୍ୟାମେରା ବାଧ୍ୟତାମୂଳକ ଏବଂ ଛତୁଆ ପ୍ରସ୍ତୁତି ବେଳେ ଶିଶୁମାନଙ୍କ ଅଭିଭାବକ ଏଣିକି ଉପସ୍ଥିତ ରହିବେ। ସିଡିପିଓ ଅଫିସରେ ବାୟୋମେଟ୍ରିକ୍ ଆଟେଣ୍ଡାନ୍ସ ବାଧ୍ୟତାମୂଳକ ବୋଲି ଜିଲାପାଳ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀଙ୍କ ସମେତ ସିଡିପିଓମାନେ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା କୌଶଳ ତାଲିମ୍




ଆତ୍ମ ସୁରକ୍ଷା କୌଶଳ ତାଲିମ୍ ଶିବିରରେ ମଞ୍ଚାସୀନ ଅତିଥି।

**ଆସିକା,୨୨।୧୧ (ଡି.ଏନ୍.ଏ.)**

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଥିଲା। ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଥାନାର ମହିଳା ସବଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ୧୨ ଦିନ ଯାଏ ଚାଲିବ। ଦୈନିକ ସକାଳ ସାଢେ ୮ ରୁ ସାଢେ ୯ ଓ ସାଢେ ୯ ରୁ ସାଢେ ୧୦ ଦୁଇଟି ଦଫାରେ ୩୦ ଜଣ ଲେଖାଏଁ ଛାତ୍ରୀଙ୍କୁ ନେଇ ସମୁଦାୟ ୧୫ଟି ଗ୍ରୁପରେ ୪୫୦ ଜଣ ଛାତ୍ରୀଙ୍କୁ ତାଲିମ ଦିଆଯିବ। ମାଷ୍ଟର ଟ୍ରେନର୍ ଭାବେ ଶିବାନୀ ସାହୁ, ରାଜେଶ୍ୱରୀ ଗୌଡ ଓ ସଙ୍ଗୀତା ସ୍ୱାଇଁ ଯୋଗଦେଇ ବିଭିନ୍ନ ସୁରକ୍ଷା କୌଶଳ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଡା. ସୁପ୍ରିୟା ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ପରିଚାଳନା କରିଥିଲେ।

# ୧୬୦ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

**ପୁରୁଷୋତ୍ତମପୁର, ୨୨।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ତହସିଲ ପକ୍ଷରୁ ମୋ ଗାଁରେ ତହସିଲ କାର୍ଯକ୍ରମ ଶୁକ୍ରବାର ରାଇପୁର ଗ୍ରାମ ରାଜୀବ ଗାନ୍ଧି ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅରୁଣ କୁମାର ନାୟକ, ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ସୁନିଲ କୁମାର ଟୁଡୁଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ୧୬୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ପଟ୍ଟା ବଣ୍ଟନ କରିଥିଲେ। ଏଥିସହ ଅନ୍‌ଲାଇନରେ ଜମି ଓ ଘରର କର ସଂଗ୍ରହ କରିଥିଲେ। ଏହାସହ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାରର ପ୍ରମାଣପତ୍ର ପ୍ରଦାନ କରିବା ସହ ମ୍ୟୁଟେସନ ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ଆବେଦନପତ୍ରକୁ ହିତାଧିକାରୀଙ୍କଠାରୁ ଗ୍ରହଣ କରିଥିଲେ। ଏଥିରେ ରାଇପୁର ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଶତପଥୀ, ସମିତିସଭ୍ୟ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ବିନା ପଞ୍ଜୀକରଣରେ ଚାଲିଛି ୧୩୪ କାରଖାନା



ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଛତ୍ରପୁର,୨୨।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ୨୩୯ ପଞ୍ଜୀକୃତ କାରଖାନା ଚାଲିଛି। ଅପରପକ୍ଷରେ ୧୩୪ କାରଖାନା ବିନା ପଞ୍ଜୀକରଣରେ ଚାଲିଛି। ଏଥିସହ ଜିଲାରେ ୨୪ ବିପଦଜନକ ରାସାୟନିକ ପଦାର୍ଥ ଜନିତ କାରଖାନା ଥିବା ବେଳେ ଏବେ ମାତ୍ର ୭ ଚାଲୁଛି। ଗଞ୍ଜାମ ଗ୍ରାସୀମ ଇଣ୍ଡଷ୍ଟ୍ରୀଜ୍ ବୃହତ ବିପଦଜନକ ରାସାୟନିକ କାରଖାନା ରହିଛି। ଶୁକ୍ରବାର କାରଖାନା ଗୁଡିକରେ କିଭଳି ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରିତ ରହିପାରିବ ସେନେଇ ଏକ ବୈଠକ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଅଧ୍ୟକ୍ଷତା କରିଥିଲେ। ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସୁରକ୍ଷା ବାବଦରେ ନିଆଯାଇଥିବା ଫାୟାର୍ ନିୟନ୍ତ୍ରଣ, ଜରୁରୀ କାଳୀନ ଉଦ୍ଧାର ଗାଡି ଆଦି ସମ୍ପର୍କରେ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଆରଟିଓ, ଫାୟାର ଅଫିସର, ଜିଲା ପ୍ରଶାସନ, ଜରୁରୀ କାଳୀନ ବିଭାଗ ଓ ଫ୍ୟାକ୍ଟ୍ରିବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ କରି କାରଖାନା ଗୁଡିକରେ ଦୁର୍ଘଟଣା ଜନିତ ସୁରକ୍ଷା ପାଇଁ କଣ ସବୁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡିଏସ୍‌ପି ଅଜୟ କୁମାର ମିଶ୍ର, ଡିଆଇସି ଜିଏମ୍ ଅନାମ ଚରଣ ପାତ୍ର, ଜିଲା ଜରୁରୀକାଳୀନ ଅଧିକାରୀ ପ୍ରଜ୍ଞା ପରମିତା ଥାଟୋଇ, ଆସିଷ୍ଟାଣ୍ଟ ଫାୟାର ଅଫିସର ବିଶ୍ୱନାଥ ମହାନ୍ତି, ଆରଟିଓ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷୟିତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଖଲ୍ଲିକୋଟ,୨୨।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ମଥୁରା ଗ୍ରାମରେ ରହୁଥିବା ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ନୟାଗଡ଼ ଜିଲା ରାଜ ସୁନାଖଲା ଅଞ୍ଚଳର ଅନ୍ନପୂର୍ଣ୍ଣା ମଥୁରା ପଞ୍ଚାୟତର ଜି.ମଥୁରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲେ। ସେ ନିଜ ଭଡ଼ାଘରେ କିଛି ବିଷାକ୍ତ ଜିନିଷ ଖାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଶୁକ୍ରବାର ସକାଳୁ ତାଙ୍କୁ ମୃତ ଭାବେ ପଡ଼ିଥିବା ଦେଖି ଘର ମାଲିକ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଆସିବା ପରେ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି।

■ ପୋଲିସ, ଅବକାରୀ ବିଭାଗ ଚଢ଼ାଉ

# ଗଞ୍ଜେଇ ଗଛ ପୋଡ଼ାଗଲା



ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରାଯାଉଛି।

**ଆର.ଉଦୟଗିରି, ୨୨।୧୧(ଡି.ଏନ୍.ଏ.)**

ଗଜପତି ଜିଲା ଆର୍.ଉଦୟଗିରି ଥାନା ନୂଆଗଡ ବ୍ଲକ ଅନୁଗୁରୁ ପଞ୍ଚାୟତର ପିଡିକାପଦର ଗ୍ରାମ ପାହାଡ ଉପରେ ଲାଗିଥିବା ଗଞ୍ଜେଇ ଗଛକୁ ଗୁରୁବାର ପୋଲିସ ଓ ଅବକାରୀ ବିଭାଗ ଚଢାଉ କରି ପୋଡି ନଷ୍ଟ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୭ କୋଟି ୨୦ଲକ୍ଷ ଟଙ୍କା ହେବ। ଜିଲାପାଳ ଅନୁପ ସାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ସୁପରିଟେଣ୍ଡ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇଥିଲା। ପାହାଡ ଉପରେ ପ୍ରାୟ ୮୬ ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରାଯାଇଛି ବୋଲି ଅବକାରୀ ଆଇଆଇସି ଜି. ସୁରିବାବୁ କହିଛନ୍ତି। ଏହି ଚଢାଉରେ ଆର.ଉଦୟଗିରି ତହଲସିଦାର ସ୍ମୃତିରଞ୍ଜନ ଶତପଥୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି, ଆଇଆଇସି ମମତା ନାୟକ, ପାରଳାଖେମୁଣ୍ଡି ଅବକାରୀ ଇନ୍ସପେକ୍ଟର ପଦ୍ମଚରଣ ସାହୁ, ସୁବାସ ମହାଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ।

### ସାଇନପଡ଼ାରେ ପୋଡ଼ାଗଲା ଗଞ୍ଜେଇ ଗଛ

**କ.ନୂଆଗାଁ,୨୨।୧୧**

କ.ନୂଆଗାଁ ବ୍ଲକର ସାଇନପଡ଼ା ପଞ୍ଚାୟତରେ ଶୁକ୍ରବାର ପୋଲିସ ଓ ଅବକାରୀ ବିଭାଗ ମିଳିତରେ ଗଞ୍ଜେଇ ଗଛ କାଟି ପୋଡ଼ି ଦିଆଯାଇଛି। ଉକ୍ତ ପଞ୍ଚାୟତର ବିକାଙ୍ଗିଆ, ତିଲକପାଙ୍ଗା ଓ ଝାନିପଡ଼ା ଅଞ୍ଚଳରୁ ୧୪୦ ଏକର ଜମିରେ ହୋଇଥିବା ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୪ କୋଟି ହେବ। ଚଢ଼ାଉରେ କ.ନୂଆଗାଁ ତହସିଲଦାର ଶଶାଙ୍କ ଶେଖର ପାତ୍ର, ଥାନାଧିକାରୀ ଶ୍ରୀନିବାସ ସାମଲ, ଅବକାରୀ ଅଧିକାରୀ ମାଧବ କୌଶଲ୍ୟା ଓ ସେକଣ୍ଡ ଅଫିସର ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଥାନା ଓ ଅବକାରୀ କର୍ମଚାରୀ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ମାସରେ ଉକ୍ତ ଥାନାର ତୃତୀୟ ଥର ଗଞ୍ଜେଇ ପୋଡ଼ାଯାଇଛି।

# ଲୋକକଳା ମହୋତ୍ସବ ପ୍ରସ୍ତୁତି ବୈଠକ

**ଛତ୍ରପୁର,୨୨।୧୧(ଡି.ଏନ.ଏ.)**

ଛତ୍ରପୁର ଷ୍ଟାଡିୟମରେ ଡିସେମ୍ବର ୪ ରୁ ୮ ତାରିଖ ୫ ଦିନ ଧରି ଜିଲାସ୍ତରୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ସମ୍ପର୍କୀୟ ସବ୍ କମିଟି ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। କିଭଳି ସୁରୁଖୁରୁରେ ଏହି ମହୋତ୍ସବ ଆୟୋଜନ ହେବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଏନ୍‌ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଏମ୍‌ଭିଆଇ ସମୀର ଦଳେଇ, ସହକାରୀ ଫାୟାର ଅଫିସର ବିଶ୍ୱନାଥ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଶଙ୍କର୍ଷଣ ପଟ୍ଟନାୟକ, ଗ୍ରନ୍ଥାଗାରିକ ଅମିୟ ଧଳଙ୍କ ସମେତ ସବ୍ କମିଟି ସଦସ୍ୟ ସମୀର ଆଚାର୍ଯ୍ୟ, ରାଧାଶ୍ୟାମ ଆଚାର୍ଯ୍ୟ, ବସନ୍ତ ମହାରଣା ଓ ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ସନ୍ଧ୍ୟାରେ ଲୋକକଳା ନୃତ୍ୟ, ସଙ୍ଗୀତ ସହ ପରେ ଓଲିଉଡ ଓ ବଲିଉଡ୍ କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଟ୍ରାଫିକ୍ ବ୍ୟବସ୍ଥା, ପବ୍ଲିସିଟି, ପାର୍କିଂ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

# ପୀଡ଼ିତାଙ୍କୁ ସହାୟତା ଦେବେ ଏମ୍‌କେସିଜି କର୍ତ୍ତୃପକ୍ଷ

**ଛତ୍ରପୁର,୨୨।୧୧(ଡି.ଏନ.ଏ.)**



ସୁପରିଣ୍ଟେଣ୍ଡାଣ୍ଟ ଓ ପ୍ରଶାସନିକ ଅଧିକାରୀ ତଥ୍ୟ ସଂଗ୍ରହ କରୁଛନ୍ତି।

**ଟ୍ୟୁମର ଅପରେଶନ ନ ହେବା ପ୍ରସଙ୍ଗ**

ଛତ୍ରପୁର ହସ୍ପିଟାଲରେ ଟ୍ୟୁମର ଅପରେଶନ ନ ହେବାରୁ ସ୍ଥାନୀୟ ପୁତିଗୋପାଳପୁରର ପି. ସୀତାମ୍ମା ଗୁରୁବାର ନିରାଶରେ ଘରକୁ ଫେରିଥିଲେ। ନିଶ୍ଚେତକ ବିଶେଷଜ୍ଞ ନ ଥିବାରୁ ତାଙ୍କର ଅପରେଶନ ହୋଇପାରିବନି ବୋଲି ସୁପରିଣ୍ଟେଣ୍ଟ କହିଥିଲେ। ଅପରପକ୍ଷରେ ଶୁକ୍ରବାର ସୀତାମ୍ମା ଜିଲାପାଳଙ୍କୁ ଭେଟିବାକୁ ତାଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏକ ବୈଠକରୁ ଏମ୍‌କେସିଜି କର୍ତ୍ତୃପକ୍ଷ ଫେରୁଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ଏମ୍‌କେସିଜି ହସ୍ପିଟାଲ ସୁପରିଣ୍ଟେଣ୍ଟ ଡା. ସନ୍ତୋଷ ମିଶ୍ର ଓ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ତାଙ୍କୁ ଭେଟି ତାଙ୍କର ସମସ୍ତ କାଗଜପତ୍ର ଦେଖିଥିଲେ। ସୋମବାର ଏମ୍‌କେସିଜି ଆସି ମୋତେ ଫୋନ୍ କଲେ ସବୁ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନିକ ଅଧିକାରୀ ନାୟକ ସୀତାମ୍ମାଙ୍କୁ କହିଥିଲେ। ଏପରିକି ତାଙ୍କ ଫୋନ୍ ନମ୍ବର ମଧ୍ୟ ସୀତାମ୍ମାଙ୍କୁ ସେ ଦେଇଥିଲେ । ଅପରେଶନ କରାଯିବ ବୋଲି ସୁପରିଣ୍ଟେଣ୍ଟ କହିଥିଲେ ।

ପ୍ରକାଶଯେ, ସୀତାମ୍ମାଙ୍କ ପେଟରେ ଏକ ଟ୍ୟୁମର ହୋଇଛି। ଛତ୍ରପୁର ହସ୍ପିଟାଲରେ ଅତ୍ୟାଧୁନିକ ଅପରେଶନ ଥିଏଟର ସହ ସର୍ଜରୀ ସ୍ପେଶାଲିଷ୍ଟ ଥିବାରୁ ଅପରେଶନ ପାଇଁ ସୀତାମ୍ମା ଗୁରୁବାର ସେଠାକୁ ଯାଇଥିଲେ। ମାତ୍ର ଅପରେଶନ ପାଇଁ ମନା କରିବାରୁ ସେ ଶୁକ୍ରବାର ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ଏ ସମ୍ପର୍କରେ ଫଟୋ ସହ ଏକ ଖବର କେବଳ ଧରିତ୍ରୀରେ ଶୁକ୍ରବାର ପ୍ରକାଶ ପାଇଥିଲା।

# ମୋ ଗେହ୍ଲା ଝିଅ, ନିର୍ଭୟା କଢ଼ି ସଚେତନତା ସଭା

**ଦିଗପହଣ୍ଡି,୨୨।୧୧(ଡି.ଏନ୍.ଏ.)**

ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବିଜୁ କନ୍ୟାରତ୍ନ ଯୋଜନା ଆନୁକୁଲ୍ୟରେ ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତ ଅନ୍ତର୍ଗତ ରାଜପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ମୋ ଗେହ୍ଲା ଝିଅ ଓ ନିର୍ଭୟା କଢି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯଶୋବନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିପରି ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କନ୍ୟାସନ୍ତାନଙ୍କ ମା' ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର କିଶୋରୀ ବାଳିକାମାନଙ୍କୁ ନେଇ ନିର୍ଭୟା କଢି ମାଧ୍ୟମରେ ଶପଥ ପାଠ କରାଯାଇଥିଲା। ଦିଗପହଣ୍ଡି ସେକ୍ଟର ଅଙ୍ଗନୱାଡ଼ି ସୁପରଭାଇଜର ମନୀଷାରାଣୀ ପଟ୍ଟନାୟକ ଓ ସାଧନା ମହିଳା ସଂଘ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମୀମାନେ ରାଜପୁର ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟକ ଅଙ୍ଗନୱାଡ଼ି, ଆଶା କର୍ମୀ ଯୋଗ ଦେଇଥିଲେ।

ପଦ୍ମନାଭପୁର ପଞ୍ଚାୟତ ଭୁଶୁଣ୍ଡା ଗ୍ରାମରେ ଆୟୋଜିତ ମୋ ଗେହ୍ଲା ଝିଅ ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ସମିତିସଭ୍ୟ ସୁଶାନ୍ତ ସେଠୀ, ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ରିତା କୁମାରୀ ମିଶ୍ରଙ୍କ ସଂଯୋଜନାରେ ଗ୍ରାମର ସୁଦର୍ଶନ ଦୋରାଙ୍କ କନ୍ୟାଙ୍କୁ ମୋ ଗେହ୍ଲା ଝିଅ ଭାବେ ସମ୍ମାନିତ କରାଯାଇଥିଲା। କୁଶପଡା ପଞ୍ଚାୟତ କେଦାରପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ଆୟୋଜିତ ମୋ ଗେହ୍ଲା ଝିଅ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଗୋପିନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ଶକୁନ୍ତଳା ଦୋରା, ସୁକାନ୍ତି ଡାକୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଜୁନ ରଣା ଅଧ୍ୟକ୍ଷତା କରିଥିଲେ। ବାବୁଲା ରଣାଙ୍କ କନ୍ୟାଙ୍କୁ ମୋ ଗେହ୍ଲା ଝିଅ ସମ୍ମାନରେ ସମ୍ମାନିତ କରାଯାଇଥିଲା।

